# NATIONAL NEWS BULLETIN (ODIA)

**15 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ତାମିଲନାଡୁ ବିଧେୟକ ମାମଲାରେ ସୁପ୍ରିମକୋର୍ଟଙ୍କ ଠାରୁ ମତାମତ ଲୋଡିଲେ ରାଷ୍ଟ୍ରପତି ।
- ଅପରେସନ ସିନ୍ଦୂରର ପରବର୍ତ୍ତୀ ସ୍ଥିତି ସମୀକ୍ଷା କଲେ ପ୍ରତିରକ୍ଷାମନ୍ତ୍ରୀ ।
- ୱାକ୍‌ଫ ଆଇନ୍ ୨୦୨୫କୁ ବିରୋଧ କରି ଆଗତ ହୋଇଥିବା ମାମଲା ଗୁଡ଼ିକର ଚଳିତମାସ ୨୦ ତାରିଖରେ ଶୁଣାଣି କରିବେ ସୁପ୍ରିମକୋର୍ଟ ।

ଏବଂ

- ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା ଆଜି ସଂଧ୍ୟାରେ ହେବ ଉଦ୍‌ଯାପିତ ।

## ପ୍ରେଜ୍-ଏସ୍‌ସି ଓପିନିଅନ

ତାମିଲନାଡୁ ବିଧେୟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ରେଫରେନ୍ସ ଜରିଆରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପଚାରିଛନ୍ତି ଯେ କୌଣସି ସାମ୍ବିଧାନିକ ସମୟସୀମା ନିର୍ଦ୍ଦିଷ୍ଟ ନଥାଇ ରାଜ୍ୟପାଳ ମାନଙ୍କୁ ଏକ ବିଧେୟକକୁ ସ୍ୱୀକୃତି ଦେବାଲାଗି ସମୟସୀମା ସ୍ଥିର କରାଯିବା ସମ୍ଭବ କି । ସମ୍ବିଧାନର ଧାରା ୧୪୩-୧

ଅନୁଯାୟୀ ରାଷ୍ଟ୍ରପତି କୌଣସି ମାମଲାରେ ସୁପ୍ରିମକୋର୍ଟଙ୍କ ଠାରୁ ମତାମତ ଲୋଡିବା ବ୍ୟବସ୍ଥା ରହିଛି ।

ରାଷ୍ଟ୍ରପତି ମୁର୍ମୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ୧୪ଟି ପ୍ରଶ୍ନ ଉପରେ ମତାମତ ଦେବାଲାଗି କହିଛନ୍ତି । ଏଥିରେ ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ଏକ ବିଧେୟକକୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ସ୍ୱୀକୃତି ଦେବା ବିଷୟ ରହିଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିରିକୃତ ହୋଇନାହିଁ । ରାଷ୍ଟ୍ରପତି ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିବା ବିଧେୟକକୁ ସ୍ୱୀକୃତି ଦେବାଲାଗି କେଉଁ ବ୍ୟବସ୍ଥା ରହିଛି ତାହା ଜଣାଇବା ଲାଗି କହିଛନ୍ତି ।

ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭାରେ ମଞ୍ଜୁରୀଲାଭ କରିଥିବା ବିଧେୟକକୁ ରାଜ୍ୟପାଳ ବହୁ ସମୟ ଧରି ସ୍ୱିକୃତୀ ନଦେଇ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଥିଲା । ସୁପ୍ରିମକୋର୍ଟ ବିଧେୟକକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱିକୃତୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ରାଜନାଥ ଜେକେ ଭିଜିଟ୍

ଜାମ୍ମୁ-କାଶ୍ମୀର ଗସ୍ତ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆଜି ଶ୍ରୀନଗରରେ ପହଞ୍ଚିବା ପରେ ଅପରେସନ ସିନ୍ଦୂର ପରବର୍ତ୍ତୀ ପରିସ୍ଥିତିର ସମୀକ୍ଷା କରିଛନ୍ତି । ପ୍ରତିରକ୍ଷା ସୂତ୍ର ଅନୁଯାୟୀ ପ୍ରତିରକ୍ଷାମନ୍ତ୍ରୀଙ୍କ

ସହ ମନ୍ତ୍ରଣାଳୟର ଅନେକ ବରିଷ୍ଠ ଅଧିକାରୀ ମଧ୍ୟ ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ । ବୈଠକ ପରେ ଶ୍ରୀ ସିଂହ କହିଥିଲେ...

**V/O (Rajnath Citizen)**

ଏହି ଅବସରରେ ମନ୍ତ୍ରୀ ଶ୍ରୀ ସିଂହ ସେନାର ୧୫ କର୍ପ୍ସ ମୁଖ୍ୟାଳୟ ପରିଦର୍ଶନ କରିଥିଲେ । ସେଠାରେ ଅପରେସନ ସିନ୍ଦୂର ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ସୂଚନା ସମ୍ପର୍କରେ ପ୍ରତିରକ୍ଷାମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ସେ ମଧ୍ୟ ସୈନିକମାନଙ୍କ ସହ ଅପରେସନ ସିନ୍ଦୂରରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ...

**V/O (Rajnath Sindoor)**

# ପାକିସ୍ତାନ-ଫୈଜଲ

ପାକିସ୍ତାନ ଆତଙ୍କବାଦର ମୁକାବିଲା ନିମନ୍ତେ ଆଖିଦୃଶିଆ ସଂକଳ୍ପ ଗ୍ରହଣ କରିଥିଲେ ମଧ୍ୟ ବିଶ୍ୱରେ ଆତଙ୍କ ସୃଷ୍ଟି କରୁଥିବା ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ସବୁପ୍ରକାର ସହାୟତା ଯୋଗାଇ ଦେଉଛି । ପାକିସ୍ତାନରେ କିଭଳି ଭାବେ ରାଜନୀତି ଏବଂ ଆତଙ୍କବାଦ ପରସ୍ପର ସହ ଜଡିତ ହୋଇ ରହିଛି, ସେନେଇ ଏକ ନୂଆ ଘଟଣା ସାମ୍ନାକୁ ଆସିଛି । ୨୬/୧୧ ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହାଫିଜ ସଇଦର ପୁତୁରା ଫୈଜଲ ନଦୀମ ଓରଫ ଆବୁ କାତାଲ କଚାରୀରେ ଲସ୍କର-ଏ-ତୋଇବାର ରାଜନୈତିକ ସାମ୍ମୁଖ୍ୟ ପାକିସ୍ତାନ ମିଲିଏ ମୁସଲିମ ଲିଗ୍‌ର ଏକ ର୍‍ୟାଲିକୁ ସମ୍ବୋଧିତ କରିଥିବା ଜଣାପଡିଚି । ଆମେରିକା ଦ୍ୱାରା ଆତଙ୍କବାଦୀ ଘୋଷିତ ନଦୀମର ଏଭଳି କାର୍ଯ୍ୟକଳାପ ପ୍ରମାଣିତ କରୁଛି ଯେ

ପାକିସ୍ତାନରେ ରାଜନୈତିକ କାର୍ଯ୍ୟକଳାପ ଆତଙ୍କବାଦୀଙ୍କ ପ୍ରରୋଚନାରେ କରାଯାଉଛି ।

ରିପୋର୍ଟ ଅନୁଯାୟୀ ପାକିସ୍ତାନ ରାଜନୀତିରେ ଆତଙ୍କବାଦ ଓ ଉଗ୍ରବାଦର ପୁରୁଣା ସମ୍ପର୍କ ରହିଛି । ଏବେ ପାକିସ୍ତାନର ରାଜନୀତିରେ ଆତଙ୍କବାଦୀ ଫୈଜଲ ନଦୀମର ଉପସ୍ଥିତି ଆତଙ୍କବାଦ ବିରୋଧୀ ଲଢ଼େଇକୁ ଭୁଲ ପ୍ରମାଣିତ କରୁଥିବା ଜଣାପଡିଛି । ଲସ୍କର-ଏ-ତୋଏବା ଏବଂ ଜୈସ ଏ ମହମ୍ମଦ ଭଳି ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ପାକିସ୍ତାନ ସେନା ଓ ପ୍ରଶାସନର ଆଢୁଆଳରେ ରହି କାର୍ଯ୍ୟ କରୁଛନ୍ତି । ବିଭିନ୍ନ କାର୍ଯ୍ୟକଳାପରେ ଆନ୍ତର୍ଜାତିକ ସ୍ତରରେ ଆତଙ୍କବାଦୀ ଗୋଷିତ ଗୋଷ୍ଠୀଗୁଡ଼ିକ ସେନାବାହିନୀ ଭଳି କାର୍ଯ୍ୟ କରୁଛନ୍ତି । ଯାହା ପାକିସ୍ତାନର ପ୍ରକୃତ ମନୋଭାବକୁ ପଦାରେ ପକାଇ ଦେଇଛି ।

## ଡିଆର୍‌ଡିଓ ନିଉ ଡେଭଲପମେଣ୍ଟ

ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ପ୍ରତିଷ୍ଠାନ ଡିଆର୍‌ଡିଓ ଏଭଳି ଏକ ବହୁମୁଖୀ ଉଚ୍ଚଚାପଯୁକ୍ତ ନାନୋପୋରସ ଲେୟରଯୁକ୍ତ ପଲିମେରିକ୍ ମେମ୍ବ୍ରେନ ବ୍ୟବସ୍ଥା ବିକଶିତ କରିଛି ଯାହା ସମୁଦ୍ରର ଲୁଣି ଜଳକୁ ତୁରନ୍ତ ମଧୁର ଜଳରେ ପରିଣତ କରିପାରିବ । ଏହାକୁ ଭାରତୀୟ ତଟରକ୍ଷୀ ବାହିନୀର ଡଙ୍ଗା ଗୁଡ଼ିକରେ ବ୍ୟବହାର କରାଯିବ । ଡିଆର୍‌ଡିଓର କାନପୁରସ୍ଥିତ ପରୀକ୍ଷାଗାରରେ ଏହାର ପରୀକ୍ଷଣ କରାଯାଇଥିବା ସୂଚନା

ଦିଆଯାଇଛି । ଏହି ମେନ୍ତ୍ରେନ ୫୦୦ଘଣ୍ଟା ପରୀକ୍ଷା ବ୍ୟବସ୍ଥାରେ ସଫଳ ହୋଇଛି । ମାତ୍ର ୮ ମାସ ମଧ୍ୟରେ ଏହା ବିକଶିତ ହୋଇଥିବା ଡିଆର୍‌ଡିଓ ସୂଚନା ଦେଇଛି ।

# ଏସି-ହିୟରିଂ ଓ୍ୱାକ୍‌ଫ

ଓ୍ୱାକ୍‌ଫ ଆଇନ୍ ୨୦୨୫କୁ ବିରୋଧ କରି ଆଗତ ହୋଇଥିବା ମାମଲା ଗୁଡ଼ିକର ସୁପ୍ରିମକୋର୍ଟ ଚଳିତମାସ ୨୦ ତାରିଖରେ ଶୁଣାଣି କରିବେ । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର୍. ଗଭାଇ ଏବଂ ଜଷ୍ଟିସ ଅଗଷ୍ଟାଇନ୍ ଜର୍ଜ ମାସିଙ୍କୁ ନେଇଙ୍କୁ ନେଇ ଗଠିତ ଖଣ୍ଡପୀଠ ବରିଷ୍ଠ ଆଇନ୍‌ଜୀବୀ କପିଲ ସିବଲ ଏବଂ ସଲିସିଟର ଜେନେରାଲ ତୁଷାର ମେହେଟାଙ୍କୁ ଚଳିତମାସ ୧୯ ତାରିଖ ସୁଦ୍ଧା ଏ ସମ୍ପର୍କରେ ଲିଖିତ ଭାବେ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଖଣ୍ଡପୀଠ କହିଛନ୍ତି ମେ' ୨୦ରେ ହେବାକୁଥିବା ଶୁଣାଣି ବେଳେ ୧୯୯୫ ଓ୍ୱାକ୍‌ଫ ଆଇନ୍ ପରେ ସ୍ଥଗିତାଦେଶ ଦେବାପାଇଁ କୌଣସି ପକ୍ଷ ଆବେଦନ କରିବେ ନାହିଁ କିମ୍ବା ତାହାର ବିଚାର କରାଯିବ ନାହିଁ । ପୂର୍ବରୁ ପୂର୍ବତନ ମୁଖ୍ୟ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜିବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ ମଧ୍ୟ ଚଳିତମାସ ୧୩ ତାରିଖରେ ପ୍ରଧାନ ବିଚାରପତିଙ୍କ ଅବସର ଗ୍ରହଣ ଯୋଗୁଁ ମାମଲା ନୂତନ ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠକୁ ସ୍ଥାନାନ୍ତର କରାଯାଇଛି ।

ଗତମାସ ୨୫ ତାରିଖରେ କେନ୍ଦ୍ର ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ୱାକ୍ଫ ସଂଶୋଧନ ଆଇନ୍ ୨୦୨୫ ସପକ୍ଷରେ ଏକ ସତ୍ୟପାଠ ଦାଖଲ କରିଥିବା ଜଣାପଡିଛି ।

## ସ୍ପେଶାଲ୍ ଫିଚର, ପରମବୀର ଚକ୍ର

ଆତଙ୍କବାଦ ବିରୁଦ୍ଧରେ ଅପରେସନ ସିନ୍ଦୂରର ସଫଳତା ପରେ ସାରା ଦେଶ ଭାରତୀୟ ସେନାର ବୀରତ୍ୱ ଏବଂ ସାହସ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି । ସଶସ୍ତ୍ର ବାହିନୀ ପ୍ରତି ସମ୍ମାନ ସ୍ୱରୂପ ଆକାଶବାଣୀ ସମାଚାର ପକ୍ଷରୁ ଏକ ବିଶେଷ ଫିଚର ଉପସ୍ଥାପନା କରାଯାଉଛି । ଏହି କ୍ରମରେ ଆଜି ପରମବୀର ଚକ୍ର ବିଜେତା  କ୍ୟାପ୍ଟେନ୍ ବିକ୍ରମ ବାତ୍ରାଙ୍କ ବିଷୟରେ ଆସନ୍ତୁ ଜାଣିବା । କ୍ୟାପଟେନ୍ ବାତ୍ରା କାର୍ଗିଲ ଯୁଦ୍ଧ ସମୟରେ ଦେଶ ପାଇଁ ସର୍ବୋଚ୍ଚ ବଳିଦାନ ଦେଇଥିଲେ ।

ହିମାଚଳ ପ୍ରଦେଶ ପାଲମପୁରର ଅଧିବାସୀ କ୍ୟାପ୍‌ଟେନ  ବାତ୍ରା ପ୍ରଥମେ ଭାରତୀୟ ମିଲିଟାରୀ ଏକାଡେମୀରେ ଯୋଗଦେବା ପରେ ତ୍ରୟୋଦଶ ଜମ୍ମୁ-କାଶ୍ମୀର ରାଇଫଲ୍‌ସରେ କାର୍ଯ୍ୟ କରିଥିଲେ । କାର୍ଗିଲ୍ ଯୁଦ୍ଧ ସମୟରେ କ୍ୟାପ୍ଟେନ୍ ବାତ୍ରାଙ୍କ ୟୁନିଟ୍‌କୁ ଦ୍ରାସ୍ ଅଞ୍ଚଳରେ ୪ ହଜାର ୮୭୫ ନମ୍ବର ପଏଣ୍ଟକୁ ଅକ୍ତିଆର କରିବା ଲାଗି ଦାୟିତ୍ୱ ଦିଆଯାଇଥିଲା । ୧୯୯୯ ମସିହା ଜୁଲାଇ ୭ ତାରିଖରେ ଅତ୍ୟନ୍ତ ଖରାପ ପାଣିପାଗ ମଧ୍ୟରେ କ୍ୟାପଟେନ୍ ବାତ୍ରା ସେହି ଦିଗକୁ ଅଗ୍ରସର ହୋଇଥିଲେ । ସେ ଆଘାତପ୍ରାପ୍ତ ହୋଇଥିଲେ ମଧ ଶତ୍ରୁପକ୍ଷ ଉପରେ ଗ୍ରେନେଡ୍ ଆକ୍ରମଣ କରିବା ସହ ସେହି ସ୍ଥାନକୁ ଖାଲି କରାଇବାରେ ସକ୍ଷମ ହୋଇଥିଲେ ।

ନିଜ ଜୀବନକୁ ଭୃକ୍ଷେପ ନ କରି ଶତ୍ରୁପକ୍ଷର ପ୍ରବଳ ଗୁଳିବର୍ଷା ମଧ୍ୟରେ କ୍ୟାପଟେନ୍ ବାତ୍ରା ପଏଣ୍ଟ ନମ୍ବର ୪୮୭୫ ହାସଲ କରିଥିଲେ । ସେହିସମୟରେ ଏକ ରେଡିଓ ବାର୍ତ୍ତାରେ କ୍ୟାପଟେନ୍ ବାତ୍ରା କହିଥିଲେ 'ୟେ ଦିଲ୍ ମାଙ୍ଗେ ମୋର' । ଆଜି ବି ସେହି ବାର୍ତ୍ତା ଭାରତୀୟ ବୀର ଯବାନମାନଙ୍କୁ ଉଦ୍‌ବୁଦ୍ଧ କରୁଛି । ଭାରତୀୟ ସାମରିକ ଇତିହାସରେ କ୍ୟାପଟେନ୍ ବିକ୍ରମ ବାତ୍ରାଙ୍କ ସାହସିକ ପଦକ୍ଷେପ ଆଜି ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି । କ୍ୟାପଟେନ୍ ବାତ୍ରାଙ୍କୁ ମରଣୋତ୍ତର ଭାବେ ଦେଶର ସର୍ବୋଚ୍ଚ ସାମରିକ ସମ୍ମାନ 'ପରମବୀର ଚକ୍ର' ପ୍ରଦାନ କରାଯାଇଥିଲା ।

## ପ୍ରେଜ୍-ଏସ୍‌ସି ଓପିନିଅନ

ତାମିଲନାଡୁ ବିଧେୟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏକ ରେଫରେନ୍ସ ଜରିଆରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ପଚାରିଛନ୍ତି ଯେ କୌଣସି ସାମ୍ବିଧାନିକ ସମୟସୀମା ନିର୍ଦ୍ଧିଷ୍ଟ ନଥାଇ ରାଜ୍ୟପାଳ ମାନଙ୍କୁ ଏକ ବିଧେୟକକୁ ସ୍ୱୀକୃତି ଦେବାଲାଗି ସମୟସୀମା ସ୍ଥିର କରାଯିବା ସମ୍ଭବ କି । ସମ୍ବିଧାନର ଧାରା ୧୪୩-୧ ଅନୁଯାୟୀ ରାଷ୍ଟ୍ରପତି କୌଣସି ମାମଲାରେ ସୁପ୍ରିମକୋର୍ଟଙ୍କ ଠାରୁ ମତାମତ ଲୋଡିବା ବ୍ୟବସ୍ଥା ରହିଛି ।

ରାଷ୍ଟ୍ରପତି ମୁର୍ମୁ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ୧୪ଟି ପ୍ରଶ୍ନ ଉପରେ ମତାମତ ଦେବାଲାଗି କହିଛନ୍ତି । ଏଥିରେ ସମ୍ବିଧାନର ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ଏକ ବିଧେୟକକୁ ରାଜ୍ୟପାଳ ଏବଂ ରାଷ୍ଟ୍ରପତି ସ୍ୱୀକୃତି

ଦେବା ବିଷୟ ରହିଥିଲେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ସ୍ଥିରିକୃତ ହୋଇନାହିଁ । ରାଷ୍ଟ୍ରପତି ସମ୍ବିଧାନର ଧାରା ୨୦୦ ଅନୁଯାୟୀ ରାଜ୍ୟପାଳଙ୍କ ନିକଟକୁ ପଠାଯାଇଥିବା ବିଧେୟକକୁ ସ୍ୱୀକୃତି ଦେବାଲାଗି କେଉଁ ବ୍ୟବସ୍ଥା ରହିଛି ତାହା ଜଣାଇବା ଲାଗି କହିଛନ୍ତି ।

ସୂଚନାଯୋଗ୍ୟ ତାମିଲନାଡୁ ବିଧାନସଭାରେ ମଞ୍ଜୁରୀଲାଭ କରିଥିବା ବିଧେୟକକୁ ରାଜ୍ୟପାଳ ବହୁ ସମୟ ଧରି ସ୍ୱିକୃତୀ ନଦେଇ ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇଥିଲେ । ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ସୁପ୍ରିମକୋର୍ଟରେ ମାମଲା ଦାୟର କରାଯାଇଥିଲା । ସୁପ୍ରିମକୋର୍ଟ ବିଧେୟକକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସ୍ୱିକୃତୀ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ।

## ବିହାର ଖେଲୋ ଇଣ୍ଡିଆ

ବିହାରରେ ଚାଲିଥିବା ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ପ୍ରତିଯୋଗିତା ଆଜି ସଂଧ୍ୟାରେ ଉଦ୍‌ଯାପିତ ହେବ । ଏହି ଅବସରରେ ପାଟ୍‌ନାସ୍ଥିତ କଙ୍କରବାଗର ପାଟଳିପୁତ୍ର କ୍ରୀଡ଼ା କମ୍ପ୍ଲେକ୍ସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଚଳିତମାସ ୪ ତାରିଖରେ ଏହି ଖେଲୋଇଣ୍ଡିଆ ଯୁବ କ୍ରୀଡ଼ା ଆରମ୍ଭ ହୋଇଥିଲା । ଆଜି ଏହାର ଶେଷ ଦିନରେ ବାସ୍କେଟବଲ, ଫେନ୍‌ସିଂ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବାସ୍କେଟବଲର ବାଳକ ବର୍ଗରେ ତାମିଲନାଡୁ' ଦିଲ୍ଲୀକୁ ପରାସ୍ତ କରି ବ୍ରୋଞ୍ଜପଦକ ହାସଲ କରିଥିବାବେଳେ ବାଳିକା ବର୍ଗରେ ପଞ୍ଜାବ' ମହାରାଷ୍ଟ୍ରକୁ ପରାସ୍ତ କରି ବ୍ରୋଞ୍ଜ ପଦକ ଜିତିଛି ।

ଖେଲୋ ଇଣ୍ଡିଆ ଯୁବ କ୍ରୀଡ଼ା ୨୦୨୫ରେ ମହାରାଷ୍ଟ୍ର ମୋଟ୍ ୧୪୯ଟି ପଦକ ସହ ଶୀର୍ଷରେ ରହିଛି । ସେଥିମଧ୍ୟରେ ୫୬ଟି ସ୍ୱର୍ଣ୍ଣ ଏବଂ ୪୫ଟି ରୌପ୍ୟ ପଦକ ରହିଛି । ହରିୟାଣା ୩୫ଟି ସ୍ୱର୍ଣ୍ଣ ଏବଂ ୨୬ଟି ରୌପ୍ୟକୁ ମିଶାଇ ୧୦୭ଟି ପଦକ ସହ ଦ୍ୱିତୀୟ ସ୍ଥାନରେ ଥିବାବେଳେ ରାଜସ୍ଥାନ ୨୨ଟି ସ୍ୱର୍ଣ୍ଣ ସହ ୫୫ଟି ପଦକ ହାସଲ କରି ତୃତୀୟ ସ୍ଥାନ ଅକ୍ତିଆର କରିଛି ।

ଆଜି ସଂଧ୍ୟାରେ ଆୟୋଜିତ ହେବାକୁ ଥିବା ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରଯୁବବ୍ୟାପାର ଏବଂ କ୍ରୀଡାରାଷ୍ଟ୍ର ମନ୍ତ୍ରୀ ନିଖିଳ ଖଡ୍‌ସେ ଏବଂ ବିହାର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଯୋଗଦେବେ ।

## ବ୍ୟାଡମିଣ୍ଟନ-ଥାଇଲାଣ୍ଡ ଓପନ

ଥାଇଲାଣ୍ଡ ବ୍ୟାଡମିଣ୍ଟନ ଓପନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ମାଳବିକା ବଂଶୋଦ ୧୨-୨୧, ୧୬-୨୧ରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଥାଇଲାଣ୍ଡର ଖେଳାଳି ରାଚାନକ ଇଣ୍ଟାନନ୍‌ଙ୍କ ଠାରୁ ପରାସ୍ତ ହୋଇଛନ୍ତି । ଏଥିରେ ପରାସ୍ତ ହେବା ପରେ ମାଳବିକାଙ୍କୁ ମାତ୍ର ୮ ପଏଣ୍ଟ ମିଳିଛି ।

ମହିଳା ଡବଲ୍‌ସରେ ଭାରତର ତ୍ରିଶା ଜଲୀ ଏବଂ ଗାୟତ୍ରୀ ଗୋପିଚାନ୍ଦ ଜାପାନର ସାୟକା ହୋବାରା ଏବଂ ରୁଇ ହିରୋକାମୀଙ୍କ ବିପକ୍ଷରେ ଆଜି ମୁକାବିଲା କରିବେ । ଏହି ଭାରତୀୟ ଯୋଡ଼ି ପ୍ରି-କ୍ୱାର୍ଟର ଫାଇନାଲ୍‌ରେ ମାଲେସିଆ ଯୋଡ଼ିଙ୍କୁ ୨୧-୧୫, ୨୧-୧୩ରେ ପରାସ୍ତ କରିଥିଲେ ।